# ଦୁର୍ଦ୍ଦିନରେ ମାଦଳାପାଞ୍ଜି ଓ ଶ୍ରୀଜଗନ୍ନାଥ

● ଶ୍ରୀ ଦିବ୍ୟସିଂହ ଚମୂପତି

ଦୁର୍ଦ୍ଦିନ ଏକ ସହଜାତ ସହଚର । ତ୍ରେତୟା ଯୁଗର ଅବତାର ପୁରୁଷ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ବନବାସ କାଳରେ ଅକଥନୀୟ ଦୁର୍ଦ୍ଦଶା ଭୋଗି ଥିବା ବେଳେ ଦ୍ୱାପର ଯୁଗର ଅବତାର ପୁରୁଷ ଶ୍ରୀକୃଷ୍ଣ ଶରାଘାତରେ ମୃତ୍ୟୁବରଣ କରିଥିଲେ । ଅବତାରୀ ମହାପ୍ରଭୁ ଜଗନ୍ନାଥ ମଧ୍ୟ ଦୁର୍ଦ୍ଦିନରୁ ଅବ୍ୟାହତି ପାଇନାହାନ୍ତି । ମାଦଳାପାଞ୍ଜିରେ ଶ୍ରୀଜଗନ୍ନାଥଙ୍କର ଯେଉଁ ସବୁ ଦୁର୍ଦ୍ଦଶା ବର୍ଣ୍ଣିତ ହୋଇଛି, ତାହାର ଅବତାରଣା ଏଠାରେ କରାଗଲା ।

## (ଏକ)

ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ରହସ୍ୟାବୃତ୍ତ, ତଥାପି ଜନଶ୍ରୁତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠାତା ଓ ଜଗନ୍ନାଥଙ୍କ ପ୍ରଥମ ମନ୍ଦିରର ନିର୍ମାଣକର୍ତ୍ତା ରୂପେ ଇନ୍ଦ୍ରଦ୍ୟୁମ୍ନ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଏହାଙ୍କର ବହୁଦିନ ପରେ ଓଡ଼ିଶାର ରାଜା ଶୋଭନ ଦେବଙ୍କ ରାଜତ୍ୱ ସମୟରେ ଦିଲ୍ଲୀ ଯବନରାଜାଙ୍କ ସେନାପତି ରକ୍ତବାହୁଙ୍କ ଓଡ଼ିଶା ଆକ୍ରମଣ ଯୋଗୁଁ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ସୋନପୁରର ଗୋପାଲୀ ଗାଁକୁ ସ୍ଥାନାନ୍ତରିତ ହେଲେ । ପାଞ୍ଜି ଅନୁସାରେ ଠାକୁରଙ୍କ ସୋନପୁରର ଗୋପାଲୀ ଗାଁରେ ରହଣି ୧୩୫ ବର୍ଷ ଏବଂ ସେଥିରୁ ଶେଷ ୮୮ ବର୍ଷ ଠାକୁର ମାଟି ତଳେ ପୋତା ହୋଇ ରହିଲେ । ପାଞ୍ଜିରେ ଉଲ୍ଲେଖ ଅଛି - 'ଶୋଭନ ଦେବ ରାଜାଙ୍କ ୨୪ ଅଙ୍କ ଡ଼ିଲିକୁ ରକ୍ତବାହୁ ଆସିବା ବାରତାକୁ ପରମେସରଙ୍କୁ ସୁନୁପୁର ଗୋପାଲୀ ଘେନି ଗଲେ । xxx ମଣ୍ଡପରେ ବିଜେ ୪୫ବର୍ଷxxx ମୁଗଲେ ପ୍ରବଳ ହେଲାକୁ xxx ପରମେସରଙ୍କୁ ପାତାଳି କରିxxx ଉପରେ ଗଛ ଲଗାଇ xxx ଅନ୍ତର ହୋଇଗଲେ । ଏ (ଶୋଭନ ଦେବ) ଭୋଗକଲେ ବ୯୬ । ଶ୍ରୀଚନ୍ଦ୍ରକର ଦେବ ଭୋଗକଲେ ୧୩ ବର୍ଷ । xxx ହତପାଟ ହୋଇ ମୁଗଲେ ଭୋଗକଲେ ବ ୩୫ ।'

ଶତାଧିକ ବର୍ଷ ମନ୍ଦିର ପରିତ୍ୟକ୍ତ ହୋଇ ରହିବା ଓ ଦାରୁ ଚତୁର୍ଦ୍ଧାମୂର୍ତ୍ତି ୮୮ ବର୍ଷ ମାଟି ତଳେ ପୋତା ହୋଇ ରହିବାରୁ ଆପେ ଆପେ ଧ୍ୱଂସ ସାଧିତ ହେବା ସ୍ୱାଭାବିକ । ପୁରୀ ଜଗନ୍ନାଥ ଧାମର ନଷ୍ଟବୈଭବ ଉଦ୍ଧାର ପାଇଁ ସଫଳ ଚେଷ୍ଟା କରିଥିଲେ ଶୋଭନ ଦେବଙ୍କ ରାଜବଂଶର ପରବର୍ତ୍ତୀ ଓଡ଼ିଶାର ସୋମବଂଶୀ ନରପତି ଯଯାତି କେଶରୀ । ସେ ସୋନପୁର ଗୋପାଲୀ ଗାଁରୁ ଠାକୁରଙ୍କ ନଷ୍ଟ ହୋଇଥିବା ଦାରୁମୂର୍ତ୍ତିରୁ ବ୍ରହ୍ମ ଉଦ୍ଧାର କରି ନବକଳେବର କରାଇ ଶଙ୍ଖନାଭି ମଣ୍ଡଳରେ ୩୮ ହାତର ଦେଉଳ ନିର୍ମାଣ କରି ୭୯୭ ଖ୍ରୀଷ୍ଟାବ୍ଦରୁ ଅପସାରିତ ଠାକୁରଙ୍କୁ ନୂତନ ମନ୍ଦିରରେ ୮.୮.୯୩୨ ତାରିଖରେ ପୁନଃ ପ୍ରତିଷ୍ଠା କରାଇଥିଲେ । ପାଞ୍ଜିରେ ଉଲ୍ଲେଖ ଅଛି - 'ଏଠାରୁ କେଶରୀ ପାଟରାଜା ହୋଇଥିଲେ ।xxx ଏ ରାଜାଙ୍କ (ଯଯାତି କେଶରୀ) ଅ ୧୧ଙ୍କ xxx ସୁନୁପୁର ଗଲେ । ଦିଅଁବର କଟାଇ xxx ମାଟିତଳୁ xxx ଛିନ୍ନଭିନ୍ନ xxx ପର୍ମେସରଙ୍କୁ ସୁମୂର୍ତ୍ତି କରାଇଲେ । ଶ୍ରୀପୁରୁଷୋତ୍ତମ ଶଙ୍ଖନାଭି xxx ମଣ୍ଡଳେ ହା ୩୮ ଥ କରି ପୋଟଳ ଗୋଟିଏ ତୋଳି ପରମେସରଙ୍କୁ xxx ଅ୧୩ଙ୍କ କକଡ଼ା ଦି୨୨ନେ ସିଂହାସନେ ବିଜେ କରାଇଲେ' ।

## (ଦୁଇ)

୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି (ଚାଲୁକି) ମୁକୁନ୍ଦ ଦେବ ନିହତ ହେବା ପରେ ଉପଯୁକ୍ତ ପ୍ରତିରୋଧର ଅଭାବରୁ ବଙ୍ଗ ସୁଲତାନଙ୍କ ସେନାପତି କଳାପାହାଡ଼ ନିର୍ବିଘ୍ନରେ ଜଗନ୍ନାଥଙ୍କ ମନ୍ଦିର ଲୁଣ୍ଠନ କରି ଲୁଣ୍ଠିତ ଜଗନ୍ନାଥଙ୍କ ମୂର୍ତ୍ତିକୁ ଚିଲିକାର ଛପଲି ହାଥୀପଡ଼ାରୁ ଉଦ୍ଧାର କରି ଗଙ୍ଗାନଦୀ କୂଳରେ ପୋଡ଼ି ଦେବାକୁ ସମର୍ଥ ହୋଇଥିଲେ । ଛଦ୍ମ-ସନ୍ୟାସୀ ବେଶରେ ଜଗନ୍ନାଥଙ୍କ ସାଙ୍ଗରେ ଯାଇଥିବା ବିଶର ମହାନ୍ତି ଦରପୋଡ଼ା ମୂର୍ତ୍ତିରୁ ବ୍ରହ୍ମ ଆଣି କୁଜଙ୍ଗ ଗଡ଼ରେ ପୂଜା କରୁଥିଲେ । ପାଞ୍ଜିରେ ଲେଖା ଅଛି - 'କଳା ପାହାଡ଼xxx ଛପଲି ହାଥୀପଡ଼ାରୁ xxx ପରମେଶ୍ୱରଙ୍କୁ ହାଥୀରେ ପକାଇ ଆଣିଲେ । ମହାପ୍ରଭୁଙ୍କୁ ଗଙ୍ଗାକୂଳ xxx ଅଗ୍ନିରେ ଜାଳି ଦେଲା । ତେଣେ ପଠାଣର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଲା । ତାହାର ପୁଅ ପରମେଶ୍ୱରଙ୍କୁ ଗଙ୍ଗାରେ ମେଲି ଦେଲା । ସେ ଦାରୁ ଭାସି ଆସନ୍ତେ ଅମୁରା ଗୋଟିଏ ଜାଳକାଠ

ବୋଲି ଧରି ତାହା ବାରିରେ ପକାଇଲା । xxx ମହାପ୍ରଭୁଙ୍କୁ ନେବାବେଳେ ବିଶର ମହାନ୍ତି xxx ବୈଷ୍ଣବ ହୋଇ ସଙ୍ଗେ ଗୋଡ଼ାଇ ଥିଲା । xxx ସେ ବ୍ରହ୍ମ ଖୋଳ କରି ମୃଦଙ୍ଗେ ପୁରାଇ କୁଜଙ୍ଗ ଗଡ଼କୁ ଘେନି ଅଇଲା ।'

୧୫୭୦ରୁ ୧୫୭୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶାର ଗଜପତି ପ୍ରଥମ ରାମଚନ୍ଦ୍ର ଦେବ ଖୁରୁଧାରେ ନୂତନ ଦୁର୍ଗ ପ୍ରତିଷ୍ଠା କରି ଅବସ୍ଥାନ କଲେ । ସେ କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇ ଖୁରୁଧାରେ ଜଗନ୍ନାଥଙ୍କର ନବକଳେବର କରାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶ୍ରୀମନ୍ଦିର ରତ୍ନସିଂହାସନରେ ୧୭.୭.୧୫୭୫ ତାରିଖରେ ସ୍ଥାପନ କରିଥିଲେ । ଦୀର୍ଘ ଆଠବର୍ଷ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଠାକୁର ନଥିଲେ । ଏହି ସ୍ମରଣୀୟ ଘଟଣାର ଅବତାରଣା କରାଯାଇ ପାଞ୍ଜିରେ ଉଲ୍ଲେଖ ଅଛି - '୯ ଅଙ୍କେ ରାଜା (ପ୍ରଥମ ରାମଚନ୍ଦ୍ର ଦେବ) କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇଲେ । ଖୁରୁଧା କଟକେ xxx ସୁମୁରତି କରାଇଲେ । ଅ୧୧ଙ୍କେ କକଡ଼ା ୧୮ଦିନ ଶ୍ରାବଣ ଶୁକ୍ଳ ନବମୀ ଦିନ ଶ୍ରୀ ପୁରୁଷୋତ୍ତମ ବଡ଼ ଦେଉଳେ ରତ୍ନସିଘାସନେ ବିଜେ କରାଇଲେ ।'

## (ତିନି-କ)

ରାମଚନ୍ଦ୍ର ଦେବଙ୍କ ପରେ ଗଜପତି ପୁରୁଷୋତ୍ତମ ଦେବ ଖୁରୁଧା ସିଂହାସନ ଆରୋହଣ କରିଥିଲେ । ତାଙ୍କରି ରାଜତ୍ୱ (୧୬୦୦-୧୬୨୧) ସମୟରୁ ମୋଗଲ ଦୌରାତ୍ମ୍ୟରୁ ଜଗନ୍ନାଥଙ୍କର ବହୁ ଦୁର୍ଦ୍ଦିନ ଆସିଥିଲା । ୧୬୦୭ ଖ୍ରୀଷ୍ଟାବ୍ଦରୁ ଓଡ଼ିଶାର ମୋଗଲ ଅଧିକୃତ ଅଞ୍ଚଳ ଏକ ସୁବା (ପ୍ରଦେଶ)ରେ ପରିଣତ ହୋଇ ଏହାର ଶାସନ ଦାୟିତ୍ୱନେଇ କଟକରେ ଜଣେ ସୁବାଦାର ନିଯୁକ୍ତ ହେଲେ । କଟକର ପ୍ରଥମ ସୁବାଦାର ହାସିମ୍ ଖାଁ । ସେ ସମୟରେ କେଶୋଦାସ ମାରୁ ନାମକ ଜଣେ ରାଜପୁତ ହାସିମ୍ ଖାଁଙ୍କ ଶାସନାଧୀନ କଟକ ନିକଟବର୍ତ୍ତୀ ଅଞ୍ଚଳର ଜଣେ ଜାୟଗିରଦାର ଥିଲେ । ଜଗନ୍ନାଥଙ୍କ ରଥ ଯାତ୍ରାରେ ଗୁଣ୍ଡିଚା ମନ୍ଦିର ରହଣି ସମୟରେ କେଶୋଦାସ ମାରୁ ପାଞ୍ଚଶହ ଛଦ୍ମବେଶୀ ସୈନ୍ୟଙ୍କ ସହିତ ତୀର୍ଥ କରିବା ବାହାନାରେ ଗୁଣ୍ଡିଚା ମନ୍ଦିର ପାଖେ ପହଞ୍ଚି ତିନି ରଥକୁ ପୋଡ଼ି, ସେଠାରେ ଅନେକ ଲୋକଙ୍କୁ ହତ୍ୟା କରି ଆତଙ୍କ ସୃଷ୍ଟି କରିବା ପରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ । ପାଞ୍ଜିରେ ଉଲ୍ଲେଖ ଅଛି- 'ଏ ରାଜାଙ୍କ (ପୁରୁଷୋତ୍ତମ ଦେବ) ଯାତ୍ରୀପଣେ କେସୋମାରୁ ଆସି ଗୁଣ୍ଡିଚା ଯାତ୍ରା ଦେଖି ଦୁଇ ଦେଉଳ (ଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର) ଧଇଲା । ପରମେଶ୍ୱର ଗୁଣ୍ଡିଚା ଘରେ ବିଜେ କରିଥିଲେ । ତିନିରଥ ପୋଡ଼ିଦେଲାxxx ଗୁଣ୍ଡିଚା ଘର ଠାରେ ଅନେକ ମାଇଲା ।'

ଗଜପତି ପୁରୁଷୋତ୍ତମ ଦେବଙ୍କ ୧୪ ଅଙ୍କ ରଥଯାତ୍ରା ସମୟରେ ଏହି ସଂଘର୍ଷ ଘଟିଥିଲା । ପୁରୁଷୋତ୍ତମ ଦେବଙ୍କ ୧୪ ଅଙ୍କ ୨୧.୮.୧୬୧୦ ତାରିଖ ସୁନିଆ ଠାରୁ ୨୭.୯.୧୬୧୧ ତାରିଖ ପର୍ଯ୍ୟନ୍ତ ପ୍ରଚଳିତ ହୋଇଥିଲା । ଗୁଣ୍ଡିଚା ଯାତ୍ରା ସାଧାରଣତଃ ମିଥୁନ ବା ଜୁଲାଇ ମାସରେ ପଡ଼େ । ଏଣୁ ଏହି ସଂଘର୍ଷ ଜୁଲାଇ ୧୬୧୧ ଖ୍ରୀଷ୍ଟାବ୍ଦରେ ଘଟିଥିଲା । ଏହି ସଂଘର୍ଷ ଘଟିବାରୁ ସେବକମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଖୁରୁଧା ଦୁର୍ଗରେ ଥିବା ଗୋପାଳ ମନ୍ଦିରକୁ ସ୍ଥାନାନ୍ତରିତ କରିଥିଲେ । ପାଞ୍ଜିରେ ଉଲ୍ଲେଖ ଅଛି- '୧୪ ଅଙ୍କେ ହାସିମ ଅଇଲା । ସେବକେ ପରମେଶ୍ୱରଙ୍କୁ ନେଇ ଖୁରୁଧାରେ ଗୋପାଳ ଦେଉଳେ ବିଜେ କରାଇଲେ ।'

ପାଞ୍ଜିରେ 'କେସୋମାରୁ ଦୁଇ ଦେଉଳ ଧଇଲା' ଉଲ୍ଲେଖ ଥିବାରୁ ଗୁଣ୍ଡିଚା ମନ୍ଦିର ପରେ କେଶୋଦାସ ମାରୁ ଶ୍ରୀମନ୍ଦିର ଅଧିକାର କରିବା ଘଟଣା ଅର୍ନ୍ତନିହିତ ଅଛି । ସେ ଜଗନ୍ନାଥ ମନ୍ଦିର ଅଧିକାର କରି ମନ୍ଦିର ବେଢ଼ା ଭିତରେ ରହି ଭିତରୁ କବାଟ ଗୁଡ଼ିକ ବନ୍ଦ କରି ମନ୍ଦିରକୁ ଏକ ଦୁର୍ଗ ବନାଇ ଦେଲେ ଓ ମନ୍ଦିରର କୋଟି କୋଟି ଟଙ୍କାର ସଂପତ୍ତି ଲୁଣ୍ଠନ କଲେ । ପୁରୁଷୋତ୍ତମ ଦେବ ଏ ସମ୍ବାଦ ପାଇ ଖୁରୁଧାରୁ ସୈନ୍ୟ ସହ ଆସି ଜଗନ୍ନାଥ ମନ୍ଦିର ଘେରାଉ କରି ଯୁଦ୍ଧ କଲେ । ଯୁଦ୍ଧରେ ଅନେକ ରାଜପୁତ ସେନା ନିହତ ହେଲେ ମଧ୍ୟ ସେମାନଙ୍କୁ ମନ୍ଦିର ବେଢ଼ା ବାହାରକୁ ଆଣିବାକୁ ସଫଳ ହୋଇ ନ ଥିଲେ । ଏହି ସମୟରେ କେଶୋଦାସ ମାରୁଙ୍କୁ ବିପଦରୁ ମୁକ୍ତି କରିବାକୁ ବଙ୍ଗ ସୁବାଦାରଙ୍କ ସେନାପତି ଓ କଟକ ସୁବାଦାରଙ୍କ ମିଳିତ ସେନା ପୁରୀ ଆସୁଥିବାର ସମ୍ବାଦ ମିଳିଲା । ବଙ୍ଗ ଓ ଓଡ଼ିଶା ସୁବାଦାରଙ୍କ ମିଳିତ ସେନା ଦ୍ୱାରା ଆକ୍ରମଣର ଭୟାବହ ପରିଣାମ ଆଶଙ୍କା କରି ରାଜା ପୁରୁଷୋତ୍ତମ ଦେବ କେଶୋଦାସ ମାରୁଙ୍କ ସହିତ ସନ୍ଧି କଲେ । ସନ୍ଧି ସର୍ତ୍ତ ଅନୁସାରେ ରାଜା ବାଦଶାହଙ୍କ ନିକଟକୁ ନିଜ କନ୍ୟା ଓ ତିନିଲକ୍ଷ ଟଙ୍କା ପଠାଇବେ ଏବଂ ନିଜର ଭଉଣୀଙ୍କୁ କେଶୋଦାର ମାରୁଙ୍କୁ ବିବାହ ଦେଇ ଏକ ଲକ୍ଷ ଟଙ୍କା ଦେବେ । ସର୍ତ୍ତରେ ଗଜପତିଙ୍କ କନ୍ୟା ଓ ଭଉଣୀ ପ୍ରଦାନ ବିବରଣୀ ଅମୂଳକ । କାରଣ ଗଜପତି କାହାର ଶ୍ୱଶୁର ବା ଶଳା ନ ହେବା ପରମ୍ପରା ଅଦ୍ୟାବଧି ପ୍ରଚଳିତ

ହୋଇ ଆସୁଅଛି । ଏହା ଇତିହାସ ଓ ଗବେଷଣା ଦ୍ୱାରା ପ୍ରମାଣିତ ହୋଇ ପାରିନାହିଁ ।

ଏହି ଘଟଣାରେ ଦେଶରେ ଶାନ୍ତି ବିରାଜିତ ହେବା ପାଇଁ ଅନ୍ତତଃ ଆଠମାସ ଅତିବାହିତ ହୋଇଥିଲା । ଏହି ସମୟତକ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ଖୁରୁଧା ଗୋପାଳ ମନ୍ଦିରରେ ରହି ନିଶଙ୍ଖୁଡ଼ି ଭୋଗ ହେଉଥିଲେ । ଦେଶରେ ଶାନ୍ତି ଫେରିବାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚଉଦୋଳରେ ଶ୍ରୀମନ୍ଦିରକୁ ଫେରାଇ ଆଣି ଅନ୍ନ ମହାପ୍ରସାଦ ଭୋଗ ପ୍ରଚଳନ କଲେ । ପାଞ୍ଜିରେ ଉଲ୍ଲେଖ ଅଛି- 'ରାଜାଙ୍କ ସଙ୍ଗେ ପୀରତି ହୋଇଗଲା ।xxx ବଡ଼ଦେଉଳେ ବିଜେ କରାଇଥିଲେ । ଆଠମାସxxx ପରମେଶ୍ୱରଙ୍କୁ ଶୀତଳ ଭୋଗ ମୁଣୋହି ହେଉଥିଲେ ।'

## (ତିନି-ଖ)

ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ୨୧ ଅଙ୍କ ବା ୧୬୧୭ ଖ୍ରୀଷ୍ଟାବ୍ଦରେ ମକରମ ଖାଁ କଟକର ସୁବାଦାର ହେଲେ । ସେ ପୁରୁଷୋତ୍ତମ ଦେବଙ୍କୁ ଖୁରୁଧାରୁ ତଡ଼ି ପ୍ରାୟ ଏକବର୍ଷ କାଳ ଖୁରୁଧା ଅଧିକାର କରିଥିଲେ । ରାଜା ଗଡ଼ମାଣିତ୍ରିଠାରେ କଟକ କରି ରହିଲେ । ଏହି ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ପୁରୀରୁ ନେଇ ବାଣପୁର ସୀମା ଗବପଦର ନଈରେ ନୌକାରେ ରଖି ନିଶଙ୍ଖୁଡ଼ି ଭୋଗ କରା ଯାଉଥିଲା । ମକରମ ଖାଁ ପୁରୁଷୋତ୍ତମଦେବଙ୍କ ୨୩ ଅଙ୍କ ବା ୧୬୨୮ ଖ୍ରୀଷ୍ଟାବ୍ଦରେ ସୁବାଦାର ପଦରୁ ଅବ୍ୟାହିତ ହେଲା ପରେ ଠାକୁରଙ୍କୁ ପୁରୀ ଶ୍ରୀମନ୍ଦିରକୁ ଅଣାଯାଇ ଅନ୍ନ ମହାପ୍ରସାଦ ଭୋଗ କରାଗଲା । ପାଞ୍ଜିରେ ଉଲ୍ଲେଖ ଅଛି -'୨୧ ଅଙ୍କେ ମକରମ ଖାଁxxx ଖୁରୁଧା ଘେନିଲେ । ରାଜା କୁଟୁମ୍ବ ଘେନି ଗଡ଼ମାଣିତ୍ରିxxx କଟକ କରିଥିଲେ । ୨୩ ଅଙ୍କେ ମକରମ ଖାଁ ଗଲେ । ପରମେଶ୍ୱରଙ୍କୁ ଗବପଦରୁ ଆଣି xxx ବଡ଼ଦେଉଳେ ବିଜେ କରାଇଲେ' ।

## (ଚାରି)

ପୁରୁଷୋତ୍ତମ ଦେବଙ୍କ ମୃତ୍ୟୁପରେ ଗଜପତି ନରସିଂହଦେବ ଖୁରୁଧା ସିଂହାସନରେ ୧୬୨୧ ଖ୍ରୀଷ୍ଟାବ୍ଦରେ ଅଭିଷିକ୍ତ ହେଲେ । ସେ ସମୟରେ ମିର୍ଜା ଅହମ୍ମଦ ବେଗ କଟକର ସୁବାଦାର ଥିଲେ । ଦୁର୍ଦ୍ଦାନ୍ତ ଅତ୍ୟାଚାରୀ ଅହମ୍ମଦ ବେଗ୍ ଖୁରୁଧା ଠାରୁ ବାଣପୁର ମଧ୍ୟରେ ଥିବା ଜମିଦାରମାନଙ୍କୁ ଆକ୍ରମଣ କରି ବହୁ ନିର୍ଯାତନା ଦେଉଥିଲେ । ରାଜା ସେ ସମୟରେ ବାଣପୁର ଅଞ୍ଚଳର ଅନ୍ଧାରିମହିମଠାରେ ବିଜେ କରିଥିଲେ । ଅରାଜକତା ଓ ଅଶାନ୍ତି ସେତେବେଳେ ଚିଲିକା କୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପି ରହିଥିଲା । ଚିଲିକା ବାଟ ଦେଇ ପୁରୀରୁ ଜଗନ୍ନାଥଙ୍କ ମୂର୍ତ୍ତିମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିବାର ଉପାୟ ନ ଥିଲା । ଏଣୁ ରାଜା ଗୁପ୍ତରେ ଜଗନ୍ନାଥଙ୍କ ମୂର୍ତ୍ତିମାନଙ୍କରୁ ବ୍ରହ୍ମମାନ ଅଣାଇ ଗଡ଼ମାଣିତ୍ରିରେ ବିଜେ କରାଇଲେ । ପୁରୀ ଓ ଗଡ଼ମାଣିତ୍ରିଠାରେ ଠାକୁରମାନେ ନିଶଙ୍ଖୁଡ଼ି ଭୋଗ ହେଲେ । ଅହମ୍ମଦ ବେଗ ରାଜାଙ୍କ ପରିବାରକୁ କଟକ ନେବା ପାଇଁ ଆଦେଶ ଦେବାରୁ ରାଜା ଉତ୍ୟକ୍ତ ହୋଇ ମଙ୍ଗଳାଯୋଡ଼ି ଗଡ଼ ଠାରେ ଅହମ୍ମଦ ବେଗ୍‌ଙ୍କୁ ଘେରାଉ କଲେ । କିନ୍ତୁ ଓଡ଼ିଆ ପାଇକମାନଙ୍କୁ ହଟାଇ ଦେଇ ସେ କଟକ ପଳାଇଲେ । ନରସିଂହ ଦେବଙ୍କ ଚାରି ଅଙ୍କରେ ଏହି ସଂଘର୍ଷ ଘଟିଥିଲା । ନରସିଂହ ଦେବଙ୍କ ୪ ଅଙ୍କ ୨୬.୮.୧୬୨୩ ସୁନିଆଁ ଠାରୁ ୧୫.୮.୧୬୨୪ ତାରିଖ ପର୍ଯ୍ୟନ୍ତ ଚଳିଥିଲା । ପାଞ୍ଜିରେ, ଉଲ୍ଲେଖ ଅଛି- 'ଏ ମହାରାଜାଙ୍କ ଚାରି ଅଙ୍କେ ଅହମ୍ମଦ ବେଗ ବୋଇଲା କୁଟୁମ୍ବ ରାଜାଙ୍କର କଟକ ନେଅ । ରାଜା ଅନ୍ଧାରିମହିମ ଠାରୁ ଭାଙ୍ଗି ମାଣିତ୍ରି କଟକକୁ ବିଜେ କରିଥିଲେ । ତାଟି ଭିତରୁ ପରମେଶ୍ୱରଙ୍କ ଠାରୁ ବ୍ରହ୍ମମାନ ବାହାର କରି xxx ମାଣିତ୍ରିକଟକେ ବିଜେ କରାଇଥିଲେ । xxx ଅହମ୍ମଦ ବେଗ xxx ମଙ୍ଗଳାଯୋଡ଼ିଠାରେ ଦରବନ୍ଧାରୁ ପେଲି ହୋଇ କଟକ ଗଲେ ।'

ଇତିମଧ୍ୟରେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ପୁତ୍ର ସାହାଜାହାନ ନ୍ୟାଯ୍ୟ ଦିଲ୍ଲୀ ସିଂହାସନ ଅଧିକାରରୁ ବଞ୍ଚିତ ହୋଇ ୧୬୨୨ ଖ୍ରୀଷ୍ଟାବ୍ଦରେ ବିଦ୍ରୋହ କଲେ । ମୋଗଲ ଶାସନରେ ନିଷ୍ପେସିତ ନରସିଂହ ଦେବ ଓ ମୋଗଲ ସିଂହାସନରୁ ବଞ୍ଚିତ ସାହାଜାହାନଙ୍କ ସହିତ ମିଳନ ଥିଲା ଏକ ମୋଗଲ ବିରୋଧୀ ବନ୍ଧୁତ୍ୱର ସହଯୋଗ । ସାହାଜାହାନ ଖୁରୁଧା ଦୁର୍ଗରେ ପହଞ୍ଚିବାରୁ ନରସିଂହଦେବ ତାଙ୍କୁ ସ୍ୱାଗତ କରି ବଶ୍ୟତା ସ୍ୱୀକାର କରିଥିଲେ । ସାହାଜାହାନଙ୍କ ସାଙ୍ଗରେ ରାଜାଭୀମ ବା ଭୀମସିଂହ ନାମକ ତାଙ୍କର ଜଣେ ପ୍ରଧାନ ହିନ୍ଦୁ ସେନାପତି ଓ ବିଶ୍ୱସ୍ତ ବନ୍ଧୁ ଥିଲେ । ତାଙ୍କରି ସହଯୋଗରେ ନରସିଂହ ଦେବ ରାତାରାତି ଗଡ଼ମାଣିତ୍ରିରୁ ବ୍ରହ୍ମ ଅଣାଇ ଶ୍ରୀମନ୍ଦିରରେ ରହିଥିବା ଜଗନ୍ନାଥଙ୍କ ବିଗ୍ରହରେ ତାହା ସ୍ଥାପନ କରି ଏକ ବର୍ଷ ପରେ

ଅନ୍ନ ମହାପ୍ରସାଦ ଭୋଗ ପ୍ରଚଳନ କରାଇଥିଲେ । କଟକ ସୁବାଦାର ଅହମ୍ମଦ ବେଗ କଟକ ଛାଡ଼ି ମୁର୍ଶିଦାବାଦକୁ ପଳାୟନ କରିଥିଲେ । ସାହାଜାହାନ ସାହା କୁଲି ଖାଁକୁ କଟକରେ ସୁବାଦାର ରୂପେ ନିଯୁକ୍ତ କଲେ । ପାଞ୍ଜିରେ ଉଲ୍ଲେଖ ଅଛି- '୫ଅଙ୍କେ ଦକ୍ଷିଣରୁ ସାହାଜାନ ପତିଶା ଅଇଲେ ।xxx ପରମେଶ୍ୱର ଯେ ମାଣିତିରି ବିଜେ କରି xxx ଶୀତଳ ଭୋଗ ମୁଣୋହି ହେଉଥିଲେ । ରାଜା ଭୀମ ଶ୍ରୀପୁରୁଷୋତ୍ତମ ଅଇଲାକୁ ରାତି ରାତି ବ୍ରହ୍ମ ଆଣି ବିଜେ କରାଇ ଶଙ୍ଖୁଡ଼ି ଭୋଗ ମୁଣୋହି ହୋଇଲେ । ଏ ଦିନେ ସାହା କୁଲି ଖାଁ ନବାବ ହୋଇଥିଲେ ।'

ସାହାଜାହାନଙ୍କ ପିତୃବିରୋଧ ଅଭିଯାନର ପରିସମାପ୍ତି ପାଟଣା ଠାରେ ଘଟିଥିଲା । ସେ ପରାସ୍ତ ହୋଇ ୧୬୨୫ ଜାନୁୟାରୀ ମାସରେ ବଙ୍ଗଳା ହରାଇ ଓଡ଼ିଶା ଭିତର ଦେଇ ଦାକ୍ଷିଣାତ୍ୟ ଅଭିମୁଖେ ଫେରି ଯାଇଥିଲେ । ସାହାଜାହାନଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ନରସିଂହ ଦେବ ପୁରୀରୁ ଜଗନ୍ନାଥଙ୍କୁ ଖୁରୁଧାକୁ ନେଇ ମେରଦା ଠାରେ ବିଜେ କରାଇଥିଲେ । ସାହାଜାହାନ ଫେରିଯିବା ପରେ ରାଜା ପୁନର୍ବାର ଜଗନ୍ନାଥ ମହାପ୍ରଭୁଙ୍କୁ ନୀଳାଚଳ ରତ୍ନ ସିଂହାସନକୁ ଫେରାଇ ଆଣିଥିଲେ । ପାଞ୍ଜିରେ ଉଲ୍ଲେଖ ଅଛି – 'ଏହା ମହାରାଜାଙ୍କ ୧୨ ଅଙ୍କେ ସାହାଜାଦା ପତିଶା ପାଟଣାରୁ ଭାଗି ଅଇଲାକୁ ପରମେଶ୍ୱରଙ୍କୁ ଖୁରୁଧା କଟକେ ନେଇ ମେରଦାରେ ବିଜେ କରାଇଲେ । ସାହାଜାନ ପତିଶା ଭାଗି ଆସି ଦକ୍ଷିଣ ଗଲା ଉତ୍ତାରେ ଶ୍ରୀପୁରୁଷୋତ୍ତମ ପରମେଶ୍ୱରଙ୍କୁ ନିଚଳ ସିଂହାସନେ ବିଜେ କରାଇଲେ ।' ଏଠାରେ ପାଞ୍ଜି ବର୍ଣ୍ଣିତ ଘଟଣା ସତ୍ୟ, କିନ୍ତୁ ଅଙ୍କ ଗଣନା ଭୁଲ । ଏହା ୧୨ ଅଙ୍କ ନ ହୋଇ ୭ ଅଙ୍କ ହେବ ।

## (ପାଞ୍ଚ)

ଓଡ଼ିଶାର ଗଜପତି ପ୍ରଥମ ଦିବ୍ୟସିଂହ ଦେବଙ୍କ ୭ ଅଙ୍କ ବା ୧୬୯୨ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥଙ୍କର ଘୋର ଦୁର୍ଦ୍ଦିନ ଘୋଟି ଆସିଥିଲା । ସେ ସମୟରେ ହିନ୍ଦୁ ବିଦ୍ୱେଷୀ, ହିନ୍ଦୁ କୀର୍ତ୍ତି ବିଧ୍ୱଂସୀ, ଭାରତର ଅଦ୍ୱିତୀୟ ପରାକ୍ରମଶାଳୀ ସମ୍ରାଟ ଆଉରଙ୍ଗଜେବ ଦିଲ୍ଲୀର ବାଦଶାହ ଓ ତାଙ୍କର ବିଶ୍ୱସ୍ତ କର୍ମଚାରୀ ହିନ୍ଦୁଧର୍ମ ବିଦ୍ୱେଷୀ ଏକରାମ ଖାଁ କଟକର ସୁବାଦାର ଥିଲା । ଜଗନ୍ନାଥ ମନ୍ଦିର ଧ୍ୱଂସ ଓ ଜଗନ୍ନାଥ ମୂର୍ତ୍ତି ପ୍ରେରଣ ପାଇଁ ଆଓରଙ୍ଗଜେବଙ୍କ ଆଦେଶରେ ଗଜପତି ଦିବ୍ୟସିଂହ ଦେବ କଟକ ସୁବାଦାର ଏକରାମ ଖାଁଙ୍କୁ ଭେଟି ମନ୍ଦିର ଭାଙ୍ଗି ମୂର୍ତ୍ତି ହସ୍ତାନ୍ତର କରିବା ପାଇଁ ପ୍ରତିଶ୍ରୁତି ଦେଲେ । ସେହି ରାତିରେ ଗଜପତି ପୁରୀରେ ପହଞ୍ଚି ଦକ୍ଷିଣ ଘରେ ରହିଥିବା ଜଗନ୍ନାଥଙ୍କ ତେରଯାତ୍ରାର ଚଳନ୍ତି ପ୍ରତିମାଗୁଡ଼ିକୁ କୋକଲ ଗଡ଼କୁ ପଠାଇଲେ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନ ସିଂହାସନରୁ ଆଣି ବିମଳା ମନ୍ଦିର ପଛପଟ ବେଢ଼ାରେ ଲୁଚାଇ ରଖିଲେ । ଚନ୍ଦନ କାଠରେ ନିର୍ମିତ ମୂର୍ତ୍ତିର ନେତ୍ର ଦ୍ୱୟରେ ମୂଲ୍ୟବାନ ରତ୍ନ ଖଚିତ କରି ରତ୍ନସିଂହାସନରେ ବିଜେ କରାଇ, ରାଜା ଚନ୍ଦନପୁର ଉଆସକୁ ଫେରି ଆସିଲେ । ତା'ପରଦିନ ଗଜପତିଙ୍କ ୭ଅଙ୍କ ବୃଷ ୧୯ଦିନ ଅର୍ଥାତ୍ ୧୬୯୨ ଖ୍ରୀଷ୍ଟାବ୍ଦ ମେ ୧୬ ତାରିଖ ଦିନ ସୁବାଦାର ଏକରାମ ଖାଁ କଟକରୁ କେତେକ ବିଶ୍ୱସ୍ତ କର୍ମଚାରୀ ଓ ୫୦ ଜଣ ଘୋଡ଼ା ସବାରଙ୍କୁ ନେଇ ଚନ୍ଦନପୁର ଠାରୁ ରାଜାଙ୍କ ସହିତ ପୁରୀରେ ପହଞ୍ଚିଲେ । ରାଜା ଦେଉଳ ଭାଙ୍ଗିବା ସର୍ତ୍ତ ରକ୍ଷା କରି ହସ୍ତୀ ଦ୍ୱାରା ସିଂହଦ୍ୱାରରେ ଥିବା ଏକ ରାକ୍ଷସ ମୂର୍ତ୍ତି ଓ କେତେକ ଗୁମୁଟି ଭାଙ୍ଗି ସିଂହଦ୍ୱାର ବନ୍ଦ କଲେ । ରତ୍ନ ସିଂହାସନରେ ଅବସ୍ଥାପିତ ଚନ୍ଦନ କାଠରେ ନିର୍ମିତ ଦେବ ବିଗ୍ରହକୁ ସୁବାଦାରଙ୍କୁ ଅର୍ପଣ କରି, ଦକ୍ଷିଣ ଦ୍ୱାର ବନ୍ଦ କଲେ । ସୁବାଦାର ସେହି ମୂର୍ତ୍ତିକୁ ସମ୍ରାଟ ଆଉରଙ୍ଗଜେବଙ୍କ ନିକଟକୁ ବିଜାପୁର ପଠାଇଥିଲେ । ସେଠାରେ ସେ ଏହି ମୂର୍ତ୍ତିକୁ ମସଜିଦ୍‌ର ପାହାଚ ତଳେ ପକାଇଥିଲେ । ପାଞ୍ଜିରେ ଲିଖିତ ହୋଇଛି – 'ଏହା ରାଜାଙ୍କ (ଦିବ୍ୟସିଂହ ଦେବ-୧ମ) ଅ୭ଙ୍କ ଋଷଭ ଦି୧୮ନ ମୁଗଲ ଗୋଳରେxxx ଚତୁର୍ଦ୍ଧା ମୂରତି xxx ବିମଳାଇଙ୍କ ପଛପଟ ବେଢ଼ାରେ ବିଜେ କଲେ । ଦକ୍ଷିଣ ଘରୁ ଦେବତାମାନେ ପୋକଲ ଗଡ଼କୁ ବିଜେ କଲେ । xxx ରାଜା ଚନ୍ଦନପୁର ନଅରକୁ ବିଜେ କଲେ । ଋଷଭ ୧୯ ଦିନ xxx ଆଉରଙ୍ଗ ସାହାଙ୍କ ନବାବ ଏକରାମ ଖାଁ xxx ଇମାନ କୋଲି (ବିଶ୍ୱସ୍ତ ଅନୁଚର) ଆସୁଆର ୫୦ ଗୋଟା ଘେନି ଏହାଙ୍କ (ରାଜା) ଠାରୁ ଅଇଲା । ରାଜା ଦିବ୍ୟସିଂହ ଦେବ ବାରୁ (ହସ୍ତୀ) ଲାଗୁ ହୋଇ ସିଂହଦ୍ୱାର ଗୁମୁଟି ଭାଙ୍ଗିଲେ । କାଠର ଜଗନ୍ନାଥ ପ୍ରତିମାକୁ ମୁଗଲେ ନେଲେ ।'

ଏତିକିରେ ମାଦଳା ପାଞ୍ଜି ନୀରବ । କିନ୍ତୁ 'ଚକଡ଼ା ପୋଥି'ରେ ବର୍ଣ୍ଣିତ ପରବର୍ତ୍ତୀ ଘଟଣା ଅନୁସାରେ ଗଜପତି ଓ ସୁବାଦାର ପୁରୀରୁ ଫେରିବା ପରେ ପୂଜକମାନେ ଜଗନ୍ନାଥଙ୍କୁ ବିମଳାଙ୍କ ପଛପଟ ବେଢ଼ାରୁ ନେଇ ରତ୍ନ ସିଂହାସନରେ ବିଜେ କରାଇ ଥିଲେ । ମାତ୍ର ୧୭ ଜଣ ବ୍ରାହ୍ମଣ ସେବକ ଠାକୁରଙ୍କୁ ପୂଜା କରନ୍ତି । ପ୍ରତ୍ୟେକ ଦିନ ମାତ୍ର ସାତକାହାଣ କଉଡ଼ି ମୁଦ୍ରା

ବ୍ୟୟରେ ହେଉଥିବା ଭୋଗକୁ ସେବକମାନେ ସାରନ୍ତି । ବାହାରକୁ ଭୋଗ ଆସିବା ମନା । ସୁବାଦାର ଏକରାମ ଖାଁ ଏହି ଘଟଣା ଜାଣିପାରି ତାଙ୍କର ବିଶ୍ୱସ୍ତ କର୍ମଚାରୀ ସୁବନାମଦାର ଖାଁଙ୍କୁ ଗଜପତିଙ୍କ ନିକଟକୁ ପଠାଇ ଜଣାଇଲେ । ସୁବାଦାର ସେ ସମୟରେ ଚିକାକୋଲଠାରେ ଥିଲେ । ଦିବ୍ୟସିଂହ ଦେବଙ୍କ ମନ୍ତ୍ରୀ ବିଦ୍ୟାଧର ମହାପାତ୍ର ସୁବାଦାରଙ୍କୁ ସେଠାରୁ ଆଣି ମାଣିକି ପାଟଣା ବନ୍ଦର ଠାରେ ରାଜାଙ୍କ ସହିତ ସାକ୍ଷାତ କରାଇଥିଲେ । ସେଠାରୁ ଗଜପତି ରଥିପୁର ଦୁର୍ଗକୁ ଫେରି ଆସି ତିରିଶ ହଜାର ଟଙ୍କାର ଜିନିଷ କଟକକୁ ଉପହାର ସ୍ୱରୂପ ପଠାଇବାରୁ ସୁବାଦାରଙ୍କ ପ୍ରୀତିଭାଜନ ହୋଇ ପାରିଥିଲେ । ଚକଡ଼ା ପୋଥିରେ ଉଲ୍ଲେଖ ଅଛି- 'ପରମେଶ୍ୱରଙ୍କୁ ବିମଳାକ୍ଷୀଙ୍କ ପଛପଟୁ ଆଣି ସିଂହାସନେ ବିଜେ କରାଇxxx ପୂଜା କଲେ । ବ୍ରାହ୍ମଣ ୧୭ଜଣxxx ସାତ କାହାଣ ଭୋଗ ହୋଇxxx ସାରନ୍ତି । ବାହାରକୁ ମହାପ୍ରସାଦ ନ ଆଣନ୍ତି । ପାଦସାହଙ୍କ ଠାରେ ଓ୍ୟାକା (ଖବର ଜଣାହେବା) ହୋଇଲା । xxx ରାଜା ରଥିପୁର ଆସି ୩୦,୦୦୦ ଟଙ୍କାର ଜିନିଷ ବେଭାର ଦେଇ କଟକ ପହଞ୍ଚାଇଲାରୁ ରାଜାଙ୍କର ନବାବଙ୍କର ବଡ଼ ସୁଖ ହୋଇଲା ।' (ଚକଡ଼ା ପୋଥି - ୨୦ ପୃଷ୍ଠା)

ତଥାପି ମୋଗଲ ଆକ୍ରମଣର ଆଶଙ୍କା ଥିବାରୁ ବାଣପୁର ରାଜ୍ୟର ଦୁର୍ଭେଦ୍ୟ ବଙ୍କାଡ଼ଗଡ଼ ନିକଟବର୍ତ୍ତୀ ଏକ ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିରାପଦରେ ରଖି ପୂଜା କଲେ । ପରେ ସେହି ସ୍ଥାନର ନାମ ହେଲା 'ନିଳାଦ୍ରୀପ୍ରସାଦ' । ସେ ସମୟରେ ଜଗନ୍ନାଥ ହରିଚନ୍ଦନ ବାଣପୁର ରାଜ୍ୟର ରାଜା ଥିଲେ । ୧୬୯୮ ଖ୍ରୀଷ୍ଟାବ୍ଦ ଜୁନ ମାସରେ ଏକରାମ ଖାଁ ସୁବାଦାର ପଦରୁ ବିଦାୟ ନେଲା ପରେ ପୁଣି ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିର ରତ୍ନସିଂହାସନକୁ ଫେରି ଆସିଥିଲେ । ଦୀର୍ଘ ଛଅବର୍ଷରୁ ଉର୍ଦ୍ଧ୍ୱ ସମୟ ଠାକୁର ଶ୍ରୀମନ୍ଦିରରେ ନ ଥିଲେ ।

ଗଜପତି ଦିବ୍ୟସିଂହ ଦେବଙ୍କ ଉପସ୍ଥିତ ବୁଦ୍ଧି ସହନଶୀଳତା ଓ ତ୍ୟାଗ (ଦାନ) ଫଳରେ ଆଜି ଭାରତର ପ୍ରଖ୍ୟାତ କୀର୍ତ୍ତି ଜଗନ୍ନାଥ ମନ୍ଦିର ସଗର୍ବରେ ଦଣ୍ଡାୟମାନ ହୋଇ ରହିଅଛି । ଏଣୁ ଗଜପତି ଦିବ୍ୟସିଂହ ଦେବ ଏ ଜାତି ଓ ଦେଶର ଚିର ନମସ୍ୟ ହୋଇ ରହିବେ ।

**(ଛଅ)**

ପୁନଶ୍ଚ ୧୭୩୧ ଖ୍ରୀଷ୍ଟାବ୍ଦ ବା ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ୮ ଅଙ୍କରେ କଟକର ସୁବାଦାର ମହମ୍ମଦ ତକୀ ଖାଁର ଖୁରୁଧା ରାଜ୍ୟ ଆକ୍ରମଣ ଯୋଗୁଁ ଜଗନ୍ନାଥଙ୍କ ଦୁର୍ଦ୍ଦିନ ଉପସ୍ଥିତ ହୋଇଥିଲା । ତକୀ ଖାଁ ୨.୧୨.୧୭୩୧ ତାରିଖରେ ଶିଶୁପାଳ ଗଡ଼ ଧ୍ୱଂସ କଲେ । ଖୁରୁଧା ପାଇକମାନଙ୍କର ଅସହଯୋଗ ଯୋଗୁଁ ପରେ ପରେ ବିନା ପ୍ରତିରୋଧରେ ସେ ଧଉଳି, ରଥିପୁର ଗଡ଼ ସମେତ ରଥିପୁର ଦୁର୍ଗ ଅଧିକାର କରି ପାରିଥିଲେ । ସେ ରଥିପୁର ଦୁର୍ଗକୁ ନିଜର ସୈନ୍ୟ ଶିବିରରେ ପରିଣତ କରି ସେଠାରୁ ଖୁରୁଧା ଦୁର୍ଗର ମୂଳଘାଟି ଗଙ୍ଗପଡ଼ାକୁ ସୈନ୍ୟ ପ୍ରେରଣ କଲେ । ଗଙ୍ଗପଡ଼ା ଯୁଦ୍ଧରେ ପ୍ରତିପକ୍ଷ ବେଳୁବେଳ ଶକ୍ତିଶାଳୀ ହେଉଥିବାର ଲକ୍ଷ୍ୟ କରି ସନ୍ଧି କରିବା ଉଦ୍ଦେଶ୍ୟରେ ଗଜପତି ତକୀଙ୍କ ସହିତ ରଥିପୁର ଦୁର୍ଗଠାରେ ମକର ୫ଦିନ ବା ୩.୧.୧୭୩୨ ତାରିଖରେ ସାକ୍ଷାତ କରିଥିଲେ । କିନ୍ତୁ ତକୀ ଖାଁ ବିଶ୍ୱାସଘାତକତା କରି ଗଜପତି, ଦିଆନ ଓ ବକ୍‌ସିଙ୍କୁ ଅଟକ ରଖିଲେ । ଅଟକ ରଖିବା ପରଦିନ ଗଜପତିଙ୍କ ପୁତ୍ରମାନଙ୍କର ବିଦ୍ରୋହ ଦମନ, ଖୁରୁଧା ଅଧିକାର ଓ ସେଠାରେ ନିଜର ସୈନ୍ୟ ରଖି ତକୀ ଖାଁ ଋଷଭ ୨୫ ଦିନ ବା ୨୩.୫.୧୭୩୨ ତାରିଖରେ ଗଜପତିଙ୍କୁ ରଥିପୁର ଠାରୁ ନେଇ କଟକ ବାରବାଟୀ ଦୁର୍ଗରେ ବନ୍ଦୀ କରି ରଖିଲେ ।

ଗଜପତିଙ୍କ ବନ୍ଦୀ ଜୀବନର ଛଅମାସ ଅତିକ୍ରାନ୍ତ ହୋଇ ଯାଇଥିଲା । ଇତି ମଧ୍ୟରେ ଗଜପତିଙ୍କ ପୁତ୍ର ଭାଗୀରଥି କୁମାର ଓ ଅନ୍ୟ ଭାଇମାନେ ମିଶି ଆଠଗଡ଼ ରାଜାଙ୍କ ଠାରୁ ସୈନ୍ୟ ସାହାଯ୍ୟ ଆଣି ପୁରୀ ଓ ଖୁରୁଧାରୁ ମୋଗଲ ଫୌଜଙ୍କୁ ତଡ଼ି ନିଜକୁ ରାଜା ବୋଲି ଘୋଷଣା କଲେ । ଏ ସମ୍ବାଦ ପାଇ ତକୀ ଖାଁ ରାମଚନ୍ଦ୍ର ଦେବଙ୍କୁ ନିଜ ପକ୍ଷରେ ରଖି ଗଙ୍ଗପଡ଼ା ଠାରେ ବିଦ୍ରୋହୀ ନେତା ଭାଗୀରଥି କୁମାରଙ୍କ ସଙ୍ଗେ ଯୁଦ୍ଧ କଲେ । ରାଜଭକ୍ତ ପାଇକମାନେ ରାଜାଙ୍କୁ ଦେଖି ଯୁଦ୍ଧ ନ କରିବାରୁ ଭାଗୀରଥି କୁମାର ଓ ଅନ୍ୟ ଭାଇମାନେ ଦଶପଲ୍ଲା ରାଜ୍ୟକୁ ପଳାୟନ କଲେ । ତକୀ ଖାଁ ରାମଚନ୍ଦ୍ର ଦେବଙ୍କୁ ଖୁରୁଧାରେ ନଜରବନ୍ଦୀ ଅବସ୍ଥାରେ ରଖି କଟକ ଫେରି ଆସିଲେ । ନଜରବନ୍ଦୀ ଥିବା ଅବସ୍ଥାରେ ରାମଚନ୍ଦ୍ର ଦେବ ଲୁକ୍କାୟିତ ଭାବରେ ପୁରୀକୁ ଯାଇ ଦୋଳ ଯାତ୍ରା ଓ ଗୁଣ୍ଡିଚା ଯାତ୍ରା କରାଇ ପାରିଥିଲେ । ପାଞ୍ଜିରେ, 'ରାଜା ଦୋଳଯାତ୍ରା ଶ୍ରୀପୁରୁଷୋତ୍ତମ ବିଜେ କରି ଶ୍ରୀ ଗୁଣ୍ଡିଚା ଯାତ୍ରା ବଢ଼ିବା ଯାଏ ବିଜେ କରିଥିଲେ । ଏ ଉତ୍ତାରେ ନବାବଙ୍କ ଲୋକେ ନ ଜାଣିବାରେ ଖୁରୁଧା ଶ୍ରୀନବରକୁ ରାତି ରାତି ବିଜେ କଲେ ।'

ନଜରବନ୍ଦୀ ଥିବା ଅବସ୍ଥାରେ ରାମଚନ୍ଦ୍ର ଦେବ ସର୍ବଦା ଜଗନ୍ନାଥ ମନ୍ଦିର ଆକ୍ରମଣର ଆଶଙ୍କା କରୁଥିଲେ । ତେଣୁ ସେ ତାଙ୍କର ବିଶ୍ୱସ୍ତ କର୍ମଚାରୀଙ୍କ ସାହାଯ୍ୟରେ ଜଗନ୍ନାଥଙ୍କୁ ଚିଲିକା ପାର କରାଇ ବାଣପୁରର ନଈରି ଗ୍ରାମରେ ଥିବା ହରୀଶ୍ୱରଙ୍କ ମଣ୍ଡପରେ ବିଜେ କରାଇଥିଲେ । ପାଞ୍ଜିରେ ଉଲ୍ଲେଖ ଅଛି - 'ସିଂହ ୧୨ ଦିନେ (୨୮.୮.୧୭୩୨ ତାରିଖ) ଶ୍ରୀ ଛାମୁ ଚିଟାଉ ପ୍ରମାଣେ xxx ପରମାନନ୍ଦ କୁଅଁରxxx ବିଷ୍ଣୁ ପଶ୍ଚିମ କବାଟxxx ଦୁଇଜଣ ଅଧିକାରରେ ପରମେଶ୍ୱରଙ୍କୁ ନୀଳାଦ୍ରି ସିଂଘାସନ ଛଡ଼ାଇxxx ଚିଲିକା ପାର ହୋଇ ବାଣପୁର ନଈରି ଠାରେ ହରୀଶ୍ୱରଙ୍କ ମଣ୍ଡପରେ ବିଜେ କରାଇଲେ' ।

ଜଗନ୍ନାଥଙ୍କୁ ସ୍ଥାନାନ୍ତରିତ କରାଯିବା ଖବର ପାଇ ତକୀ ଖାଁ ଉତ୍‌କ୍ଷିପ୍ତ ହୋଇ ଖୁରୁଧା ଆକ୍ରମଣ କଲେ । ରାଜା ଜଗନ୍ନାଥଙ୍କୁ ନିରାପଦରେ ରଖିବା ପାଇଁ ହରୀଶ୍ୱର ମଣ୍ଡପରୁ ଖଲ୍ଲିକୋଟ ସୀମା ଟିକାଲିଠାକୁ ପଠାଇ ଖୁରୁଧା ପରିତ୍ୟାଗ କଲେ । ପାଞ୍ଜିରେ ଲେଖ ଅଛି- 'ନଈରିରୁ ହରୀଶ୍ୱରଙ୍କ ମଣ୍ଡପଠାରୁxxx ଖଲ୍ଲିକୋଟ ସୀମା ଟିକାଲି ବିଜେ କରାଇଲେ' ।

ତକୀ ଖାଁ ରାଜପୁତ୍ର ଭାଗିରଥି କୁମାରଙ୍କୁ ଦଶପଲ୍ଲାରୁ ଅଣାଇ ନିଜର ସୈନ୍ୟ ଦେଇ ଖୁରୁଧାରେ ରାଜା କରାଇଲେ । ସେଠାରୁ ସେ କଟକକୁ ଫେରି ମୁର୍ଶିଦାବାଦ ଗଲେ । ଶ୍ରୀମନ୍ଦିରରେ ଠାକୁର ନ ଥିବା ଯୋଗୁ ଭାଗୀରଥି କୁମାର ନୂତନ ଜଗନ୍ନାଥ ମୂର୍ତ୍ତି ନିର୍ମାଣ କରାଇ ଗୁଣ୍ଡିଚା ଯାତ୍ରା କରାଇବା ପାଇଁ ଯୋଜନା କରୁଥିଲେ । କିନ୍ତୁ ମିଥୁନ ୩୦ ଦିନ ବା ୨୯.୬.୧୭୩୩ ତାରିଖରେ ରାମଚନ୍ଦ୍ର ଦେବ ବୋଲଗଡ଼ରୁ ଆସି ପୁନର୍ବାର ଖୁରୁଧା ଅଧିକାର କଲେ । ସେ ଟିକାଲି ଠାରୁ ଜଗନ୍ନାଥଙ୍କୁ ଶ୍ରୀକ୍ଷେତ୍ରକୁ ଅଣାଇ ୨.୭.୧୭୩୩ ତାରିଖ ଦିନ ପୁରୀରେ ଗୁଣ୍ଡିଚା ଯାତ୍ରା କରାଇଥିଲେ । ପାଞ୍ଜିରେ ଉଲ୍ଲେଖ ଅଛି - 'ଶ୍ରୀଠାକୁରେ ପରମେଶ୍ୱରଙ୍କୁ ଟିକାଲି ଠାରୁ ବିଜେ କରାଇ ଆସି ଗୁଣ୍ଡିଚା ଯାତ୍ରା କଲେ' ।

ଶ୍ରୀଗୁଣ୍ଡିଚା ଯାତ୍ରା ମହାସମାରୋହରେ ସମ୍ପନ୍ନ ହେବା ସମ୍ବାଦରେ ଉତ୍ତ୍ୟକ୍ତ ହୋଇ କଟକରୁ ନବାବ ଖାଁ ଓ ରସୁଣ ଖାଁ ଖୁରୁଧା ଯୁଦ୍ଧ ଅଭିଯାନରେ ଆସିବାରୁ ରାଜା ଶ୍ରୀମନ୍ଦିରରୁ ଜଗନ୍ନାଥଙ୍କୁ ଆଣି ତାଙ୍କର ୧୧ ଅଙ୍କ ବିଛା ୨୪ ଦିନ ବା ୩୦.୧୧.୧୭୩୩ ତାରିଖରେ ବାଣପୁର ହରୀଶ୍ୱରଙ୍କ ମଣ୍ଡପରେ ବିଜେ କରାଇଲେ । ମୋଗଲମାନେ ଖୁରୁଧା ଦଖଲ କରିବାରୁ ୨୯.୧୨.୧୭୩୩ ତାରିଖରେ ଠାକୁରଙ୍କୁ ହରୀଶ୍ୱର ମଣ୍ଡପରୁ ଆଣି ଗଞ୍ଜାମ ଆଠଗଡ଼ ରାଜ୍ୟର ମାରଦା ନାମକ ଗ୍ରାମରେ ରଖାଇଲେ । ପାଞ୍ଜିରେ ଲେଖା ଅଛି - 'ଖୁରୁଧା ଘେନିଲାକୁ ପରମେଶ୍ୱରଙ୍କୁ ନଈରିରୁ ଆଠଗଡ଼ ସୀମା ମାରଦା ବିଜେ କରାଇଲେ ।' ଆଠଗଡ଼ ରାଜ୍ୟସ୍ଥ ମଥୁରା ଗ୍ରାମର ବିନ୍ଧାଣିମାନେ ଦୁଇମାସ କାଳ ଦିନରାତି ପରିଶ୍ରମ କରି ମହାପ୍ରଭୁଙ୍କ ପାଇଁ ଏକ ମନ୍ଦିର ମାରଦା ଠାରେ ନିର୍ମାଣ କରିଥିଲେ । ସେଠାରେ ଠାକୁରଙ୍କ ଆସ୍ଥାନ ରୂପେ ବ୍ୟବହୃତ ହେଉଥିବା ଚକାପଥର ଏବେ ବି ସେଠାରେ ପୂଜା ହେଉଅଛି ।

ତକୀ ଖାଁ ମୁର୍ଶିଦାବାଦରୁ ମୀନ ୧୫ଦିନ ବା ୩୦.୩.୧୭୩୪ ତାରିଖରେ କଟକକୁ ଫେରିଲେ । ଏହାର ଅଳ୍ପଦିନ ପରେ ୧୧୪୭ ହିଜ୍ରାସନରେ (୧୭୩୪ ମେ ଠାରୁ ୧୭୩୫ ମେ ପର୍ଯ୍ୟନ୍ତ) କଟକଠାରେ ତକୀ ଖାଁଙ୍କର ମୃତ୍ୟୁ ଘଟିଥିଲା । କଟକ କଦମ-ଇ-ରସୁଲ ହତା ମଧ୍ୟରେ ତାଙ୍କୁ କବର ଦିଆଯାଇଥିବା କଥା ଏକ ଅଭିଲେଖରୁ ଜଣାଯାଏ ।

ତକୀ ଖାଁଙ୍କ ମୃତ୍ୟୁପରେ ମୁର୍ଶିଦ କୁଲି ଖାଁ ୨ୟ କଟକର ସୁବାଦାର ହେଲେ । ତାଙ୍କର ଧର୍ମସହିଷ୍ଣୁତା ଗୁଣଯୋଗୁଁ ଗଜପତି ରାମଚନ୍ଦ୍ର ଦେବ ୨ୟ ତାଙ୍କର ୧୩ ଅଙ୍କ ବୃଷ ୧୫ ଦିନ ବା ୧୯.୫.୧୭୩୫ ତାରିଖରେ ମାରଦାଠାରୁ ଠାକୁରଙ୍କୁ ଅଣାଇ ଶ୍ରୀମନ୍ଦିରରେ ଅବସ୍ଥାପିତ କରାଇ ପାରିଥିଲେ । ମାଦଳା ପାଞ୍ଜିରୁ ଜଣାଯାଏ ଯେ ରାମଚନ୍ଦ୍ର ଦେବ ୨ୟଙ୍କ ୧୧ ଅଙ୍କ ଧନୁ ୨୯ଦିନ ଠାରୁ ୧୩ ଅଙ୍କ ବୃଷ ୧୫ ଦିନ ପର୍ଯ୍ୟନ୍ତ ପ୍ରାୟ ୨ ବର୍ଷ ୪ମାସ ଠାକୁର ଶ୍ରୀକ୍ଷେତ୍ରରେ ବିରାଜମାନ ନ ଥିଲେ । ୧୭୩୫ ଖ୍ରୀଷ୍ଟାବ୍ଦରୁ ଆଜି ପର୍ଯ୍ୟନ୍ତ ଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିରରେ ରହି ପୂଜା ପାଇ ଆସୁଅଛନ୍ତି ।

ଓଡ଼ିଶା ରାଜନୀତିର ବହୁ ଉତ୍‌ଥାନ-ପତନର ମୂକସାକ୍ଷୀ ପ୍ରଭୁ ଜଗନ୍ନାଥ ପ୍ରାଚୀନ କାଳରୁ ଅଚଳ ଓ ଅଟଳ ରହି ସାରା ବିଶ୍ୱରେ ସାମ୍ୟ, ମୈତ୍ରୀ, ଭାତୃତ୍ୱବୋଧର ଜୟଧ୍ୱଜା ଉଡ଼ାଇ ଜଗତର ନାଥ 'ଜଗନ୍ନାଥ' ନାମକୁ ସାର୍ଥକ କରୁଅଛନ୍ତି ।

**ହରିରାଜପୁର**
**ପୁରୀ**